


# ଆଇପିଏଲ : ଦିଲ୍ଲୀକୁ ହରାଇଲା କୋଲକାତା

**ନୂଆଦିଲ୍ଲୀ :** ଆଇପିଏଲ୍‌ର ଏକ ମ୍ୟାଚ୍‌ରେ ଦିଲ୍ଲୀ ଓ କୋଲକାତା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚ୍‌ରେ କୋଲକାତା ୧୪ ରନ୍‌ରେ ବିଜୟ ହାସଲ କରିଛି। ଦିଲ୍ଲୀ ପକ୍ଷରୁ ଡୁପ୍ଲିସି ୬୨ ରନ୍ କରିଥିବା ବେଳେ ଅକ୍ଷୟ ପଟେଲ ୪୩ ରନ୍ ସଂଗ୍ରହ କରିଥିଲେ। ସେହିଭଳି ସୁନିଲ୍ ନାରିଲି ତିନୋଟି ୱିକେଟ୍ ନେଇଥିବା ବେଳେ ବରୁଣ ଚକ୍ରବର୍ତି ଦୁଇଟି ୱିକେଟ୍ ନେଇଥିଲେ। ଦିଲ୍ଲୀ ୨୦ ଓଭରରେ ୯ଟି ୱିକେଟ୍ ହରାଇ ୯୦ ରନ୍ କରିଥିଲା। ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମଠାରେ ଚାଲିଥିବା ଆଇପିଏଲ ୨୦୨୫ର ୪୮ତମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ଆଗରେ ୨୦୫ ରନର ଲକ୍ଷ୍ୟ ରଖିଥିଲା କୋଲକାତା ନାଇଡରଇଡର୍ସ ।ଏହି ମ୍ୟାଚରେ ଦିଲ୍ଲୀ ଟସ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା କେକେଆର ନିର୍ଦ୍ଧାରିତ



୨୦ ଓଭରରେ ୯ ୱିକେଟ ହରାଇ ୨୦୪ ରନ କରିଥିଲା । ଦଳ ପକ୍ଷରୁ ସୁନୀଲ ନାରାୟଣ ଓ ରେହମାନୁଲ୍ଲା ଗୁରବାଜ୍ ଆରମ୍ଭରୁ ଦ୍ରୁତ ଗତିରେ ସ୍କୋର କରିବା ଆରମ୍ଭ କରିଥିଲେ । ଗୁରବାଜ୍ ୨୬ ରନ କରିଥିବାବେଳେ ନାରାୟଣ ୨୭ ରନ କରିଥିଲେ । ଅଜିଙ୍କ୍ୟ ରାହାଣେ ୨୬ ରନ କରିଥିବାବେଳେ ଅଙ୍ଗକ୍ରିସ୍ ରଘୁବଂଶୀ ୪୪ ରନ କରିଥିଲେ ।ରିଙ୍କୁସିଂ ୩୬ରନ କରିଥିବାବେଳେ ଆନ୍ଦ୍ରେ ରସେଲ୍ ୧୭ ରନ କରିଥିଲେ । ମାତ୍ର ଶେଷ ବେଳକୁ ଦଳ ୩ଟି ୱିକେଟ ଅଳ୍ପରନ ବ୍ୟବଧାନରେ ହରାଇଥିଲା ।

# ବୈଭବଙ୍କ ପ୍ରତିଭାକୁ ଅପମାନ କରିଛନ୍ତି ଶୁଭମନ୍ ଗିଲ୍: ଅଜୟ ଜାଦେଜା

**ନୂଆଦିଲ୍ଲୀ:** ସୋମବାର ରାଜସ୍ଥାନ ଏବଂ ଗୁଜରାଟ ମଧ୍ୟରେ ଖେଳାଯାଇଥିବା ଆଇପିଏଲ ୨୦୨୫ମ୍ୟାଚ୍‌ରେ, ୧୪ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ କମାଲ୍ ଦେଖିବାକୁ ମିଳିଥିଲା। ବୈଭବ ୩୫ ବଲ୍‌ରେ ଶତକ ହାସଲ କରିଥିଲେ। ତାଙ୍କ ଇନିଂସ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ତାଙ୍କର ଏଭଳି ପ୍ରଦର୍ଶନ ଦେଖି ଅନେକ କ୍ରିକେଟ କିମ୍ବଦନ୍ତୀ ତାଙ୍କୁ ପ୍ରଶଂସା କରିବାରେ ଲାଗିଛନ୍ତି। କିନ୍ତୁ ଏହି ସମୟରେ, ଗୁଜୁରାଟ ଟାଇଟାନ୍ସର ଅଧିନାୟକ ଶୁଭମନ ଗିଲ, ବୈଭବଙ୍କୁ ନେଇ କିଛି ଏଭଳି କହିଛନ୍ତି ଯାହା ପୂର୍ବତନ ଭାରତୀୟ କ୍ରିକେଟର ଅଜୟ ଜାଦେଜାଙ୍କୁ ପସନ୍ଦ ଆସିନାହିଁ। ବୈଭବ ମାତ୍ର ୩୮ବଲ୍‌ରେ ୧୦୧ରନ୍‌ର ଇନିଂସ ଖେଳିଥିଲେ, ଯେଉଁଥିରେ ୧୧ ଛକା ଏବଂ ୭ଚୌକା ଅନ୍ତର୍ଭୁକ୍ତ ଥିଲା। ଏହି ପ୍ରଦର୍ଶନ



ତାଙ୍କୁ ଆଇପିଏଲ ଇତିହାସରେ ଦ୍ରୁତତମ ଶତକ ହାସଲ କରିଥିବା ଭାରତୀୟ ବ୍ୟାଟସମ୍ୟାନଙ୍କ ମଧ୍ୟରେ ସାମିଲ କରିଥିଲା। ମ୍ୟାଚ୍ ପରେ, ଯେତେବେଳେ ଗୁଜରାଟ ଟାଇଟାନ୍ସ ଅଧିନାୟକ ଶୁଭମନ ଗିଲଙ୍କୁ ବୈଭବଙ୍କ ଇନିଂସ ବିଷୟରେ ପଚରାଗଲା, ସେ ଏହାକୁ ସୂର୍ଯ୍ୟବଂଶୀଙ୍କ ଶୁଭ ଦିନ ଥିଲା ବୋଲି କହିଥିଲେ। ଗିଲ୍ କହିଥିଲେ, 'ସେ ଯେଉଁଭଳି ଭାବରେ ବ୍ୟାଟିଂ କରୁଥିଲେ, ତାହା ଅଦ୍ଭୁତ ଥିଲା। ସେ ତାଙ୍କ ଶୁଭ ଦିନର ପୂରା ଫାଇଦା ଉଠାଇଥିଲେ। ପୂର୍ବତନ ଭାରତୀୟ କ୍ରିକେଟର ଅଜୟ ଜାଦେଜା, ଗିଲଙ୍କ ଏହି ମନ୍ତବ୍ୟ ଉପରେ ଅସନ୍ତୋଷ ପ୍ରକାଶ କରି କହିଛନ୍ତି ଯେ, 'ସୂର୍ଯ୍ୟବଂଶୀଙ୍କ ଇନିଂସକୁ 'ଶୁଭ ଦିନ' କହିବା ତାଙ୍କ ପ୍ରତିଭାର ଅପମାନ। ଆମକୁ ଏପରି ଖେଳାଳିଙ୍କୁ ସମ୍ମାନ କରିବା ଉଚିତ। ତେବେ ସୂର୍ଯ୍ୟବଂଶୀଙ୍କ ଏହି ଇନିଂସ କେବଳ ମ୍ୟାଚ୍‌ର ଗତି ବଦଳାଇ ନଥିଲା ବରଂ ତାଙ୍କୁ କ୍ରିକେଟ୍ ପ୍ରେମୀଙ୍କ ମଧ୍ୟରେ ଆଲୋଚନାର ବିଷୟ ମଧ କରିଥିଲା। ତାଙ୍କ ବ୍ୟାଟିଂକୁ କ୍ରିକେଟ କିମ୍ବଦନ୍ତୀମାନେ ମଧ ପ୍ରଶଂସା କରିଛନ୍ତି। ସଚିନ ତେନ୍ଦୁଲକର, ଯୁବରାଜ ସିଂ ଏବଂ ରାହୁଲ ଦ୍ରାବିଡଙ୍କ ପରି କିମ୍ବଦନ୍ତୀ ସୂର୍ଯ୍ୟବଂଶୀଙ୍କୁ ପ୍ରଶଂସା କରିଛନ୍ତି।

### ବାପାଙ୍କ କୋଳରେ ବସି ଷ୍ଟାଡିୟମରେ

# ଆଇପିଏଲ୍ ମ୍ୟାଚ୍ ଦେଖୁଥିବା ବୈଭବଙ୍କ ଫଟୋ ଭାଇରାଲ



**ନୂଆଦିଲ୍ଲୀ :**କ୍ରିକେଟର ନୂତନ ଯୁବ ତାରକା ଭାବରେ ଉଭା ହୋଇଥିବା ବୈଭବ ସୂର୍ଯ୍ୟବଂଶୀ ନିଜର ଦମଦାର ଶତକ ସହିତ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛନ୍ତି। କ୍ରିକେଟର ଭଗବାନ କୁହାଯାଉଥିବା ସଚିନ ତେନ୍ଦୁଲକରଙ୍କଠାରୁ ରାହୁଲ ଦ୍ରାବିଡଙ୍କ ପର୍ଯ୍ୟନ୍ତ, ସମସ୍ତେ ତାଙ୍କ ପ୍ରତିଭା ଦେଖି ଆଶ୍ଚର୍ଯ୍ୟ। ରାଜସ୍ଥାନ ରୟାଲ୍ସ ପାଇଁ ଖେଳି ବୈଭବ ୩୫ ବଲରେ ଶତକ ହାସଲ କରିଥିଲେ। ମାତ୍ର ୧୪ ବର୍ଷ ବୟସରେ, ବୈଭବ ତାଙ୍କ ନାମରେ ଅନେକ ରେକର୍ଡ କରିଥିଲେ। ଆଇପିଏଲ ଇତିହାସରେ ଦ୍ୱିତୀୟ ଦ୍ରୁତତମ ଶତକ ବୈଭବଙ୍କ ନାମରେ ହୋଇଛି। ତାଙ୍କ ଆଗରେ ଅଛନ୍ତି ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ କ୍ରିକେଟର କ୍ରିସ ଗେଲ, ଯିଏ ୨୦୧୩ରେ ମାତ୍ର ୩୦ ବଲ୍‌ରେ ଶତକ ହାସଲ କରିଥିଲେ। ଏହି ତାଲିକାରେ ୟୁସୁଫ ପଠାନ ତୃତୀୟ ସ୍ଥାନରେ ଅଛନ୍ତି ଯିଏ ରାଜସ୍ଥାନ ରୟାଲ୍ସ ପାଇଁ ୩୭ ବଲ୍‌ରେ ଶତକ ହାସଲ କରିଥିଲେ। ବୈଭବ ସୁରଚବଂଶୀଙ୍କ କ୍ରିକେଟ ପ୍ରତିଭା ତାଙ୍କ ପିଲାଦିନରୁ ହିଁ ସ୍ପଷ୍ଟ ଥିଲା। ତାଙ୍କ ବାପା ତାଙ୍କୁ ଭାରତର ଅନ୍ତର୍ଜାତୀୟ ମ୍ୟାଚ ଏବଂ ଓଟଖ ମ୍ୟାଚ ଦେଖାଉଥିଲେ। ବିହାରର ସମସ୍ତିପୁରର ବାସିନ୍ଦା ବୈଭବ ସୂର୍ଯ୍ୟବଂଶୀଙ୍କୁ ତାଙ୍କ ବାପା ପିଲାଦିନେ ଆଇପିଏଲ ଦେଖାଇବା ପାଇଁ କ୍ରିକେଟ ଷ୍ଟାଡିୟମକୁ ନେଇଯାଉଥିଲେ। ୨୦୧୭ ମସିହାର ବୈଭବ ସୂର୍ଯ୍ୟବଂଶୀଙ୍କ ଏକ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି, ଯେଉଁଥିରେ ତାଙ୍କ ବାପା ତାଙ୍କୁ କାଖରେ ଧରି ଏକ ମ୍ୟାଚ ଦେଖିବାକୁ ନେଉଥିଲେ। ଏହି ଫଟୋରେ ବୈଭବ ପୁନେ ସୁପର ଜାଏଣ୍ଟସକୁ ଚିୟର କରିବାକୁ ପହଞ୍ଚିଥିଲେ। ବୈଭବଙ୍କ ବାପା ତାଙ୍କ ଭିତରେ କ୍ରିକେଟ ପ୍ରତି ଆଗ୍ରହ ଏବଂ ପ୍ରତିଭା ଦେଖିସାରିଥିଲେ ଏବଂ ବୁଝିସାରିଥିଲେ। ୧୦ ବର୍ଷ ବୟସରେ, ସେ କ୍ରିକେଟର ଜଟିଳତାକୁ ବୁଝିବା ଆରମ୍ଭ କରିଥିଲେ ଏବଂ ଜୋରଦାର ମ୍ୟାଚ ଅଭ୍ୟାସ କରୁଥିଲେ। ସେ ଘଣ୍ଟା ଘଣ୍ଟା ନେଟରେ ଝାଳ ବୁହାଉଥିଲେ। ଏହାର ପରିଣାମ ସ୍ୱରୂପ ମାତ୍ର ୧୪ ବର୍ଷ ବୟସରେ ସେ ଆଇପିଏଲ ଦଳରେ ମନୋନୀତ ହୋଇଥିଲେ। ବୈଭବଙ୍କ ପ୍ରତିଭାକୁ ପୂର୍ବତନ କ୍ରିକେଟର ରାହୁଲ ଦ୍ରାବିଡ ଭଲ ଭାବରେ ଚିହ୍ନିପାରିଥିଲେ ଏବଂ ତାଙ୍କୁ ରାଜସ୍ଥାନ ଦଳ ପାଇଁ ଚୟନ କରାଯାଇଥିଲା। ଦ୍ରାବିଡଙ୍କ ଏହି ପରୀକ୍ଷଣ ଆଇପିଏଲରେ ଠିକ ପ୍ରମାଣିତ ହେଉଥିବା ପରି ମନେ ହେଉଛି। ଆଇପିଏଲ-୨୦୨୫ କ୍ରିକେଟ ଜଗତକୁ ଏକ ଉଦୀୟମାନ ତାରା ଦେଇଛି।

# ମୋ ସ୍ୱପ୍ନ ହେଲା ପୂରଣ : ବୈଭବ



**ଜୟପୁର :** ବିହାରର ପୁଅ ବୈଭବ ସୂର୍ଯ୍ୟବଂଶୀ ଏକ ଐତିହାସିକ ଇନିଂସ ଖେଳି ସମସ୍ତଙ୍କ ହୃଦୟ ଜିତିଥିଲେ। ସେ ମାତ୍ର ୩୫ ବଲ୍‌ରେ ତାଙ୍କ ଆଇପିଏଲ କ୍ୟାରିୟରର ପ୍ରଥମ ଶତକ ହାସଲ କରି ନିଜ ନାମରେ ଏକ ବଡ଼ ରେକର୍ଡ ସୃଷ୍ଟି କରିଛନ୍ତି। ସେ ଆଇପିଏଲରେ ଦ୍ୱିତୀୟ ଦ୍ରୁତତମ ଶତକ ହାସଲକାରୀ ବ୍ୟାଟସମ୍ୟାନ ହୋଇଥିଲେ। ଏହି ଚମତ୍କାର ପ୍ରଦର୍ଶନ ପାଇଁ ତାଙ୍କୁ 'ପ୍ଲେୟାର ଅଫ ଦି ମ୍ୟାଚ' ମନୋନୀତ କରାଯାଇଥିଲା। ମ୍ୟାଚ ପରେ, ବାମହାତୀ ବ୍ୟାଟସମ୍ୟାନ ତାଙ୍କର ବିସ୍ଫୋରକ ଇନିଂସ ବିଷୟରେ କହିଥିଲେ। ସେ କହିଥିଲେ- ଏହା ଏକ ବହୁତ ଭଲ ଅନୁଭବ। ଏହା ଓଟଖରେ ମୋର ପ୍ରଥମ ଶତକ ଏବଂ ଏହା ମୋର ତୃତୀୟ ଇନିଂସ। ଟୁର୍ନାମେଣ୍ଟ ପୂର୍ବରୁ ଅଭ୍ୟାସ ପରେ ଫଳାଫଳ ଏଠାରେ ଅଛି। ମୁଁ କେବଳ ବଲ ଦେଖେ ଏବଂ ଖେଳେ। ବୈଭବଙ୍କ ବୟସ ୧୪ ବର୍ଷ ୩୨ ଦିନ, କିନ୍ତୁ ସେ ୟୁସୁଫ ପଠାନଙ୍କ ୧୫ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି। ବୈଭବ ଆଇପିଏଲରେ ଶତକ ମାରିବାରେ ଦ୍ରୁତତମ ଭାରତୀୟ ହୋଇସାରିଛନ୍ତି। ୨୦୧୦ ମସିହାରେ, ୟୁସୁଫ ପଠାନ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୩୫ ବଲ୍‌ରେ ଶତକ ହାସଲ କରିଥିଲେ ଏବଂ ଟୁର୍ନାମେଣ୍ଟରେ ଦ୍ରୁତତମ ଭାରତୀୟ ଶତକ ହାସଲ କରିଥିଲେ। ତାଙ୍କର ଏହି ରେକର୍ଡ ଏବେ ୨୦୨୫ ମସିହାରେ ଭାଙ୍ଗି ଯାଇଛି। ଅର୍ଥାତ୍ ଯେତେବେଳେ ବୈଭବ ଜନ୍ମ ହୋଇ ନ ଥିଲେ, ସେତେବେଳେ ୟୁସୁଫ ଏହି କୃତିତ୍ୱ କରିଥିଲେ ଏବଂ ଏବେ ବିହାରର ଏହି ଯୁବ ବ୍ୟାଟସମ୍ୟାନ ତାଙ୍କ ବୟସଠାରୁ ବଡ଼ ଏକ ରେକର୍ଡ ଭାଙ୍ଗିଛନ୍ତି। ମୋଟାମୋଟି ଭାବରେ, ଓଟଖରେ ଦ୍ରୁତତମ ଶତକର ରେକର୍ଡ କ୍ରିସ ଗେଲଙ୍କ ନାମରେ ଅଛି ଯିଏ ୨୦୧୩ରେ ପୁନେ ୱାରିୟର୍ସ ବିପକ୍ଷରେ ୩୦ ବଲରେ ଶତକ ହାସଲ କରିଥିଲେ। ମ୍ୟାଚ ପରେ, ବୈଭବ ତାଙ୍କ ସାଥୀ ବ୍ୟାଟସମ୍ୟାନ ଯଶସ୍ୱୀ ଜୟସ୍ୱାଲଙ୍କ ପ୍ରଶଂସା ମଧ୍ୟ କରିଥିଲେ। ସେ କହିଛନ୍ତି, ଆଇପିଏଲରେ ଶତକ ମାରିବାର ତାଙ୍କର ସ୍ୱପ୍ନ ପୂରଣ ହୋଇଛି। ଜୟସ୍ୱାଲଙ୍କ ସହ ବ୍ୟାଟିଂ କରିବା ଭଲ, ସେ ମୋତେ କ'ଣ କରିବାକୁ ହେବ ତାହା କୁହନ୍ତି ଏବଂ ସେ ସକାରାତ୍ମକ ଜିନିଷଗୁଡ଼ିକୁ ସାମିଲ କରନ୍ତି। ଆଇପିଏଲରେ ଶତକ ମାରିବା ମୋର ସ୍ୱପ୍ନ ଥିଲା ଏବଂ ଆଜି ଏହା ସତ ହୋଇଛି। ଭୟ କର ନାହିଁ। ମୁଁ ଅଧିକ ଚିନ୍ତା କରେ ନାହିଁ, ମୁଁ କେବଳ ଖେଳିବାରେ ଧ୍ୟାନ ଦିଏ। ରାଜସ୍ଥାନକୁ ଜିତିବା ପାଇଁ ଗୁଜରାଟ ୨୧୦ ରନର ଟାର୍ଗେଟ ଦେଇଥିଲା, କିନ୍ତୁ ବୈଭବ ଏବଂ ଜୟସ୍ୱାଲ ରାଜସ୍ଥାନକୁ ଏକ ଦ୍ରୁତ ଆରମ୍ଭ ଦେଇଥିଲେ ଏବଂ ପ୍ରଥମ ଉଇକେଟ ପାଇଁ ୧୬୬ ରନର ଭାଗୀଦାରି କରିଥିଲେ। ଏହି ଭାଗିଦାରୀ ପ୍ରସବ କ୍ରିଷ୍ଣାଙ୍କ ଦ୍ୱାରା ବୈଭବଙ୍କୁ ଆଉଟ୍ କରି ଭାଙ୍ଗିଥିଲେ। ଏହା ରାଜସ୍ଥାନ ପାଇଁ ଯେକୌଣସି ଉଇକେଟ ପାଇଁ ସବୁଠାରୁ ବଡ଼ ଭାଗୀଦାରି। ବୈଭବ ଏବଂ ଯଶସ୍ୱୀ ଏହି ମାମଲାରେ ଜସ ବଟଲର ଏବଂ ଦେବଦତ୍ତ ପଡିକ୍କଲଙ୍କୁ ପଛରେ ପକାଇ ଦେଇଥିଲେ। ଉଭୟ ୨୦୨୨ରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୧୫୫ ରନର ଭାଗୀଦାରି କରିଥିଲେ। ବୈଭବ ସୂର୍ଯ୍ୟବଂଶୀଙ୍କ ଚମତ୍କାର ଶତକ ବଳରେ ରାଜସ୍ଥାନ ରୟାଲ୍ସ ଆଠ ଉଇକେଟରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ସୱାଇ ମାନସିଂହ ଷ୍ଟାଡିୟମରେ ଖେଳାଯାଇଥିବା ଆଇପିଏଲର ୪୭ତମ ମ୍ୟାଚରେ, ଶୁବମନ ଗିଲ ଏବଂ ଜୋସ ବଟଲରଙ୍କ ଅର୍ଦ୍ଧଶତକ ସହାୟତାରେ ଗୁଜରାଟ ୨୦ ଓଭରରେ ୪ ଉଇକେଟ ହରାଇ ୨୦୯ ରନ କରିଥିଲା। ଜବାବରେ, ରାଜସ୍ଥାନ ୧୫.୫ ଓଭରରେ ଦୁଇ ଉଇକେଟ ହରାଇ ୨୧୨ ରନ କରିଥିଲା ଏବଂ ୨୫ ବଲ ବାକି ଥାଇ ମ୍ୟାଚ ଜିତି ନେଇଥିଲା। ଏହା ସହିତ, ରାଜସ୍ଥାନ ମଧ୍ୟ ପ୍ଲେଅଫ ପାଇଁ ନିଜର ଆଶାକୁ ଉଜ୍ଜୀବିତ ରଖିଛି। ଏହି ମ୍ୟାଚ ଜିତିବା ସହିତ, ରାଜସ୍ଥାନ ନିଜ ନାମରେ ଏକ ବଡ଼ ରେକର୍ଡ ମଧ୍ୟ କରିଛି। ଦଳ ଟି-୨୦ରେ ସବୁଠାରୁ ଦ୍ରୁତ ହାରରେ ୨୦୦+ ଲକ୍ଷ୍ୟ ହାସଲ କରିଥିଲା।

# ୧୫ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କଲା ଭାରତୀୟ ମହିଳା ଦଳ

**ନୂଆଦିଲ୍ଲୀ :** କଲମ୍ବୋରେ ଖେଳାଯାଇଥିବା ଏକ ରୋମାଞ୍ଚକର ମୁକାବିଲାରେ ଭାରତୀୟ ମହିଳା ଦଳ ୧୫ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରି ତ୍ରିରାଷ୍ଟ୍ରୀୟ ଦିନିକିଆ ଶୃଙ୍ଖଳାରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଏହି ବିଜୟ ସହ ଭାରତ ନିଜର ବିଜୟ ଧାରା ୮ଟି ମ୍ୟାଚକୁ ବୃଦ୍ଧି କରିଛି। ପ୍ରଥମେ ବ୍ୟାଟିଂ କରି ଭାରତ ୬ ୱିକେଟ୍ ହରାଇ ୨୭୬ ରନ୍ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ଭଲ ପ୍ରଦର୍ଶନ କରିଥିବା ବେଳେ ୨୬୧ ରନରେ ଅଲ୍ ଆଉଟ୍ ହୋଇଥିଲା। ଭାରତର ଚମତ୍କାର ପ୍ରଦର୍ଶନ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିବା ସହ ନିଜର ଅପରାଜେୟ ଧାରାକୁ ବଜାୟ ରଖିବା ସହ ତ୍ରିକୋଣୀୟ ଶୃଙ୍ଖଳାରେ ନିଜର ସ୍ଥିତିକୁ ସୁଦୃଢ଼ କରିଛି।



# ଦେଶର ଉନ୍ନତିରେ ଧ୍ୟାନ ଦିଅ, ଆଉ କେତେ ତଳକୁ ଖସିବ : ଧୱନ

**ନୂଆଦିଲ୍ଲୀ:** ଦେଶର ଉନ୍ନତିରେ ଧ୍ୟାନ ଦିଅ, ଆଉ କେତେ ତଳକୁ ଖସିବ ? ପୂର୍ବତନ ପାକିସ୍ତାନ ଅଧିନାୟକ ଶାହିଦ ଅଫ୍ରିଦି ଭାରତୀୟ ସେନା ବିଷୟରେ ଅପ୍ରୀତିକର ମନ୍ତବ୍ୟ ଦେବାର ଗୋଟିଏ ଦିନ ପରେ, ପୂର୍ବତନ ଭାରତୀୟ କ୍ରିକେଟର ଶିଖର ଧୱନ ତାଙ୍କୁ ଏଭଳି ଜବାବ ଦେଇଛନ୍ତି। ଏପ୍ରିଲ ୨୨ ତାରିଖରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ବିବାଦୀୟ ବୟାନ ଦେଇଥିଲେ ଅଫ୍ରିଦି। ୨୭ ଟେଷ୍ଟ, ୩୯୮ ଦିନିକିଆ ଏବଂ ୯୯ ଟି-୨୦ ଖେଳିଥିବା ଅଭିଜ୍ଞ ଅଫ୍ରିଦି ପହଲଗାମ ଆତଙ୍କବାଦୀ ଆକ୍ରମଣ ଉପରେ ଭାରତୀୟ ସେନା ଏବଂ ଗଣମାଧ୍ୟମର କାମକୁ ଉପହାସ କରିଥିଲେ। ଧୱନ ତାଙ୍କୁ କଡ଼ା ଜବାବ ଦେଇ ଏକ୍ସରେ ପୋଷ୍ଟ କରିଛନ୍ତି ଯେ, 'ଆମେ ତୁମକୁ କାରଗିଲରେ ପରାସ୍ତ କରିଥିଲୁ। ତୁମେମାନେ ଏତେ ତଳକୁ ଖସିଯାଇଛ, ଆଉ କେତେ ତଳକୁ ଯିବ ? ମନ୍ତବ୍ୟ ଦେବା ପରିବର୍ତ୍ତେ, ନିଜ ଦେଶର ଅବସ୍ଥା ସୁଧାରିବା ଉପରେ ଧ୍ୟାନ ଦିଅ। ଆମେ ଆମ ସେନା ଉପରେ ଗର୍ବିତ। ଉଲ୍ଲେଖଯୋଗ୍ୟ, 'ଅଫ୍ରିଦି ଏକ ଟିଭି ସାକ୍ଷାତକାରରେ ଯୋଗ ଦେଇ ଲେଖିଥିଲେ, କଶ୍ମୀରରେ ତୁମର ୮,୦୦,୦୦୦ ସଶକ୍ତ ସେନା ମୁତୟନ ଅଛି ବୋଲି ଦାବି କରୁଛ। ହେଲେ ଏହା ସତ୍ତ୍ୱେ ବି ଏହି ଆକ୍ରମଣ ଘଟିଛି। ଯଦି ତୁମେ ନିଜ ଲୋକମାନଙ୍କୁ ସୁରକ୍ଷା ଯୋଗାଇ ପାରୁ ନାହଁ, ତେବେ ତୁମେ ଅଯୋଗ୍ୟ।




# ବିସ୍ମୟ କ୍ରିକେଟର ବୈଭବଙ୍କ ବିଷୟରେ କିଛି ଅଜଣା କଥା

**ନୂଆଦିଲ୍ଲୀ :** ରାଜସ୍ଥାନ ରୟାଲ୍ସ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ଏକପାଖିଆ ମ୍ୟାଚ ଜିତିଛି। ବୈଭବ ସୂର୍ଯ୍ୟବଂଶୀ ଏବଂ ଯଶସ୍ୱୀ ଜୟସ୍ୱାଲଙ୍କ ଇନିଂସ ମ୍ୟାଚକୁ ସମ୍ପୂର୍ଣ୍ଣ ଭାବରେ ରାଜସ୍ଥାନ ସପକ୍ଷରେ ଆଣି ଦେଇଥିଲା। ଏହି ମ୍ୟାଚ୍‌ରେ ବହୁ ବର୍ଷର ପୁରୁଣା ରେକର୍ଡ ଭାଙ୍ଗି ଯାଇଥିଲା। ବୈଭବ ସୂର୍ଯ୍ୟବଂଶୀ ତାଙ୍କର ଶତକ ସହିତ ସମସ୍ତଙ୍କ ହୃଦୟ ଜିତିଥିଲେ। ବୈଭବଙ୍କ ବୟସ ୧୪ ବର୍ଷ ୩୨ ଦିନ, କିନ୍ତୁ ସେ ୟୁସୁଫ ପଠାନଙ୍କ ୧୫ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି। ବୈଭବ ଆଇପିଏଲରେ ଶତକ ମାରିବାରେ ଦ୍ରୁତତମ ଭାରତୀୟ ହୋଇସାରିଛନ୍ତି। ସାଉଦି ଆରବର ଜେଦାହରେ ଆଇପିଏଲ ନିଲାମୀରେ ବୈଭବ ସୂର୍ଯ୍ୟବଂଶୀ ସର୍ବକନିଷ୍ଠ ଖେଳାଳି ଭାବରେ ବିକ୍ରି ହୋଇ କୋଟିପତି ପାଲଟିଥିଲେ। ବୈଭବ ୧.୧ କୋଟି ଟଙ୍କାରେ ରାଜସ୍ଥାନ ରୟାଲ୍ସରେ ସାମିଲ ହୋଇଥିଲେ। ଏହା ସହ ଆଇପିଏଲ ଇତିହାସର ସର୍ବକନିଷ୍ଠ ଖେଳାଳି ରହିଛନ୍ତି ବୈଭବ ସୂର୍ଯ୍ୟବଂଶୀ। ବୈଭବ ୧୨ ବର୍ଷ ବୟସରେ ରଣଜୀ ଟ୍ରଫିରେ ପଦାର୍ପଣ କରିଥିଲେ। ୧୯ ବର୍ଷରୁ କମ ଭାରତୀୟ ଦଳର ପ୍ରତିନିଧିତ୍ୱ କରି ଅଷ୍ଟ୍ରେଲିଆ ବିପକ୍ଷରେ ମାତ୍ର ୫୮ ବଲ୍‌ରେ ଶତକ ରେକର୍ଡ କରିଥିଲେ ବୈଭବ। ବୈଭବ ସୂର୍ଯ୍ୟବଂଶୀଙ୍କୁ ୧୦ ବର୍ଷ ବୟସ ହୋଇଥିବାବେଳେ, ପିତା ସଞ୍ଜୀବ ନିଷ୍ପତ୍ତି ନେଇଥିଲେ, ସେ ତାଙ୍କ ପୁଅ କ୍ରିକେଟର ହେବ। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ସେ ନିଜ ଜମି ବିକ୍ରି କଲେ, କିନ୍ତୁ ସେ ଜାଣି ନ ଥିଲେ ଯେ ତିନି ବର୍ଷ ମଧ୍ୟରେ ତାଙ୍କ ପୁଅ ତାଙ୍କ ସ୍ୱପ୍ନକୁ ପୂରଣ କରିବେ। ସାମସ୍ତିପୁରଠାରୁ ୧୫ କିଲୋମିଟର ଦୂରରେ ଥିବା ମୋତିପୁର ଗ୍ରାମରେ ରହୁଥିବା ସଞ୍ଜୀବଙ୍କ ପୁଅକୁ ରାଜସ୍ଥାନ କିଣିବା ପରେ ସେ ଭାବପ୍ରବଣ ହୋଇପଡିଥିଲେ। ସେ କହିଥିଲେ, ବୈଭବ ଆଉ ତାଙ୍କ ପୁଅ ନୁହଁନ୍ତି ବରଂ ସମଗ୍ର ବିହାରର ପୁଅ। ସଞ୍ଜୀବଙ୍କ ଅନୁଯାୟୀ ତାଙ୍କ ପୁଅ ଆଠ ବର୍ଷ ବୟସରେ କଠିନ ପରିଶ୍ରମ କରିଥିଲେ ଏବଂ ଜିଲାର ୧୬ ବର୍ଷରୁ କମ ଟ୍ରାଏଲରେ ସଫଳତା ହାସଲ କରିଥିଲେ। ସେ କୋଚିଂ ପାଇଁ ପୁଅକୁ ସାମସ୍ତିପୁରକୁ ନେଇଗଲେ, କିନ୍ତୁ ତାଙ୍କୁ ଫେରିବାକୁ ପଡିଲା। ଏହା ପରେ ସେ ତାଙ୍କର ଜମି ବିକ୍ରୟ କଲେ। ସଞ୍ଜୀବ କହିଛନ୍ତି, ଏପର୍ଯ୍ୟନ୍ତ ସ୍ଥିତିରେ ସୁଧାର ଆସିନାହିଁ। ବୈଭବଙ୍କ ବୟସ ସହ ଜଡିତ ବିବାଦ ଉପରେ ସଞ୍ଜୀବ କହିଛନ୍ତି, ଯେତେବେଳେ ତାଙ୍କୁ ସାଢେ ୮ ବର୍ଷ ହୋଇଥିଲା, ସେତେବେଳେ ତାଙ୍କର ହାଡ଼ ବିସିସିଆଇ ଦ୍ୱାରା ପରୀକ୍ଷା କରାଯାଇଥିଲା। ଏ ବିଷୟରେ ମୁଁ କାହାକୁ ଭୟ ନାହିଁ। ଆମେ ସବୁକିଛି ପରୀକ୍ଷା ପାଇଁ ପ୍ରସ୍ତୁତ ଅଛୁ। ବୈଭବଙ୍କ ବୟସ ୧୫ ବର୍ଷ ବୋଲି କୁହାଯାଏ। ଆଇପିଏଲ ନିଲାମରେ ବୈଭବଙ୍କୁ ରାଜସ୍ଥାନ ରୟାଲ୍ସ ୧.୧ କୋଟି ଟଙ୍କାରେ କିଣିଥିଲା। ଏହି ଖେଳାଳିଙ୍କ ମୂଳ ମୂଲ୍ୟ ୩୦ ଲକ୍ଷ ଟଙ୍କା ଥିଲା ଏବଂ ସେ ତାଙ୍କ ମୂଳ ମୂଲ୍ୟଠାରୁ ପ୍ରାୟ ଚାରି ଗୁଣ ଅଧିକ ବିକ୍ରି ହୋଇଥିଲେ। ସେ ଆଇପିଏଲ ନିଲାମ ଇତିହାସରେ ବିକ୍ରି ହୋଇଥିବା ସର୍ବକନିଷ୍ଠ ଖେଳାଳି ହୋଇଥିଲେ।




କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085/86 (News), 9040003050 (Advt.)

ସମ୍ପାଦକ: ନିରଞ୍ଜନ ପାତ୍ର
**Editor: Niranjan Patra**